## ଡିଜେଲ ଚୋରି ଅଭିଯୋଗରେ ୭ ଗିରଫ

ଖଲ୍ଲିକୋଟ,୨୨।୧୧(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଜାତୀୟ ରାଜପଥରେ ରହୁଥିବା ଟ୍ରକରୁ ଡିଜେଲ ଚୋରି କରୁଥିବା ମଧ୍ୟପ୍ରଦେଶର ଡିଜେଲ ଚୋରି ଗ୍ୟାଙ୍ଗକୁ କାବୁ କରିଛି ଖଲ୍ଲିକୋଟ ପୋଲିସ। ୯୪୦ ଲିଟର ଡିଜେଲ, ବିଭିନ୍ନ ଟ୍ରକ ସାମଗ୍ରୀ ସହ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଦୀର୍ଘ ଦିନ ହେଲା ୧୬ ନଂ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ରାତିରେ ଟ୍ରକରୁ ଡିଜେଲ ଚୋରି କରୁଥିଲେ ଏହି ଚୋର ଗ୍ୟାଙ୍ଗ୍ । ଆଗରୁ ଖଲ୍ଲିକୋଟ ପୋଲିସ ୩ଥର ଧରିବାକୁ ଚେଷ୍ଟା କରି ଧରି ପାରିନଥିଲା। ଏପରିକି ପୋଲିସ ଗାଡି ଏହି ଚୋରଙ୍କ ପିଛା କରିବା ବେଳେ ପୋଲିସ ଗାଡି ଉପରକୁ ଏହି ଚୋର ଗ୍ୟାଙ୍ଗ୍ ଗାଡ଼ି ଚଢାଇ ଦେଇଥିଲେ। ସେହିଦିନ ଠାରୁ ପୋଲିସ ଏହି ଗ୍ୟାଙ୍ଗ୍ ପିଛା କରୁଥିବା ବେଳେ ଗୁରୁବାର ନାରାୟଣୀ ଛକରୁ ଡିଜେଲ ଚୋରି ପରେ ପୋଲିସ ଏହି ଚୋର ଗ୍ୟାଙ୍ଗ୍ କାବୁ କରିବା ସହ ୯୪୦ ଲିଟର ଡିଜେଲ, ଗୋଟିଏ ୧୦ଚକିଆ ଟ୍ରକ ଓ ଗାଡିର ବିଭିନ୍ନ ସାମଗ୍ରୀ ଜବତ କରିଥିବା ଶୁକ୍ରବାର ଛତ୍ରପୁର ଏସଡିପିଓ ଗୌରହରି ସାହୁ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। ନୂତନ ଆଇଆଇସି ରମେଶ କୁମାର ପ୍ରଧାନ, ଭେଜିପୁଟ ଓଆଇସି ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଶିଶୁ ଉତ୍ସବ ପାଳିତ

ଭଞ୍ଜନଗର,୨୨।୧୧(ବାବୁଲା ପ୍ରଧାନ)

ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ତରଫରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସଭାପତି ଦିଲ୍ଲୀପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଏସ.ଧନଞ୍ଜୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାବିତ୍ରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ସୁଶାନ୍ତ କୁମାର ମଲିକ, ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରାଜ କହଁର, ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଉପଦେଷ୍ଟା ରାଜ କୁମାର ସାହୁ, ଜିଲ୍ଲା ସମ୍ପାଦକ ବିଜୟ କୁମାର ବେହେରା, ସଭାପତି ସନ୍ତୋଷ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ.ବିଜୟ ଚନ୍ଦ୍ର ମହାରଣା ଓ ଅଧ୍ୟାପକ ସନ୍ତୋଷ କୁମାର ମହାନ୍ତି ଯୋଗଦେଇ ଥିଲେ। ଉମାକାନ୍ତ ନାହାକ, ବାସନ୍ତୀ ପାଣିଗ୍ରାହୀ, ପ୍ରମୋଦ କୁମାର ଗୌଡ଼, ପ୍ରଶାନ୍ତ କୁମାର ପ୍ରଧାନ ଓ ଗୀତାଞ୍ଜଳି ପ୍ରଧାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଦର୍ଶ ଶୌଚାଳୟ ଉଦ୍‌ଘାଟିତ

ଭଞ୍ଜନଗର,୨୨।୧୧(ବାବୁଲା ପ୍ରଧାନ)

ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଦ୍ୱାରା ଆଦର୍ଶ ଶୌଚାଳୟ ଉଦଘାଟିତ ହୋଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, କାଉନସିଲର ଅନିତା ସେଠୀ, ଉତ୍ତମ ଦଳବେହେରା, ରବି ବେହେରା, ପ୍ରଶାନ୍ତ ରାଓ, ଶିବରାମ ନାୟକ, ପ୍ରଭାସିନୀ ପାଣିଗ୍ରାହୀ, ପୂର୍ବତନ ଆର୍‌ଏମସି ସଂପାଦକ ପ୍ରମୋଦ ଦଳବେହେରା, ପୂର୍ବତନ କାଉନସିଲର ଗୁଟୁ ଜେନା, ଭାଜପା ନେତା ଶିବ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ବଳଭଦ୍ର ଆରୁଖ କୃଷକ ବଜାର ଅଛି। ସେଠାରେ ଥିବା ପଡ଼ିଆରେ ଅନେକ ସମୟରେ ବଡ଼ କାର୍ଯ୍ୟକ୍ରମ ହେଉଛି। ବର୍ତ୍ତମାନ ୨୧ କୁଣ୍ଡୀୟ ମହାଯଜ୍ଞ ହେଉଛି। ଲୋକଙ୍କ ସୁବିଧା ପାଇଁ ଏନ ଏ ସି ପକ୍ଷରୁ ପ୍ରାୟ ୨୩ ଲକ୍ଷ ଟଙ୍କା ବ୍ୟୟରେ ଶୌଚାଳୟ ନିର୍ମାଣ ହୋଇଛି।

## ନୂଆପେଣ୍ଠ ହାଇସ୍କୁଲ ଆଗରେ ଛାତ୍ରଙ୍କ ଧାରଣା

ପାତ୍ରପୁର, ୨୨।୧୧(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ନୂଆପେଣ୍ଠ ଉଚ୍ଚ ବିଦ୍ୟାଳୟର ପିଅନ ଅଶ୍ଳୀଳ ଭାଷାରେ ଜଣେ ଶିକ୍ଷକଙ୍କୁ ଗାଳି ଗୁଲଜ କରି ତାଙ୍କ ଘର ସାମ୍ନାରେ ଧମକ ଦେବା ନେଇ ଶୁକ୍ରବାର ସ୍କୁଲ ଛାତ୍ରମାନେ ବିଦ୍ୟାଳୟ ମୁଖ୍ୟଫାଟକ ଆଗରେ ସ୍ଲୋଗାନ ଦେଉଥିବା ଏକ ଭିଡିଓ ଭାଇରଲ ହୋଇଥିଲା। ଛାତ୍ରମାନେ ସମ୍ପୃକ୍ତ ପିଅନଙ୍କ ବିରୋଧରେ ପ୍ଲାକାର୍ଡ ଧରି ଧାରଣା ଦେଇଥିଲେ। ଏ ନେଇ ପାତ୍ରପୁର ବିଇଓ ସ୍ୱରୂପ ରଞ୍ଜନ ମହାନ୍ତିଙ୍କୁ ପଚାରିବାରୁ ଘଟଣାର ସତ୍ୟାସତ୍ୟ ନଥିବା କହିଛନ୍ତି। ବିଦ୍ୟାଳୟରେ ବେସରକାରୀ ଭାବେ ଶିକ୍ଷକତା କରୁଥିବା ଶିକ୍ଷକ ବାଳକୃଷ୍ଣ ଆଚାରୀ ମଧ୍ୟ ଏହା ସମ୍ପୂର୍ଣ୍ଣ ମିଛ ବୋଲି କହିଛନ୍ତି।

# ଅଙ୍ଗନୱାଡି କର୍ମୀଙ୍କ ଅବହେଳା ପାଇଁ ତାତିଲେ ଗ୍ରାମବାସୀ

ଫୁଲବାଣୀ/ଫିରିଙ୍ଗିଆ, ୨୨।୧୧
(ରାକେଶ ରାଉତ/ବିମଳ ଦିଗାଲ)

ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର ବିକାଶ, କୁନିକୁନି ଶିଶୁଙ୍କ ବୌଦ୍ଧିକ ବିକାଶ, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟର ଯତ୍ନ ପାଇଁ ଗ୍ରାମଗୁଡିକରେ ଅଙ୍ଗନୱାଡି କେନ୍ଦ୍ର ଖୋଲି କର୍ମୀ ନିଯୁକ୍ତି ଦେଇଛନ୍ତି । ମାତ୍ର କେତେକ ଗ୍ରାମରେ ଏପରି ଅଙ୍ଗନୱାଡି କର୍ମୀ ରହିଛନ୍ତି ଯେଉଁମାନେ ନିୟମିତ କେନ୍ଦ୍ରକୁ ଆସୁନାହାନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ଆସୁଥିବା ଖାଦ୍ୟ ଠିକ ଭାବରେ ଦେଉନାହାନ୍ତି କି ଗ୍ରାମର ଗର୍ଭବତୀ ମହିଳାଙ୍କୁ ପୋଷଣଯୁକ୍ତ ଖାଦ୍ୟ ଦେଉନାହାନ୍ତି। ଏନେଇ ଅଭିଯୋଗ କଲେ ତାଙ୍କଠାରୁ ଗାଳିଗୁଲଜ ଶୁଣିବାକୁ ମିଳୁଛି। ଏଭଳି ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ଥିବା ନୂଆପଦର ପଞ୍ଚାୟତର କାଳିପାଙ୍ଗା ଅଙ୍ଗନୱାଡି କେନ୍ଦ୍ରରେ। ଦୀର୍ଘ ଦିନ ଧରି ଅସନ୍ତୁଷ୍ଟ ଥିବା ଏହି କେନ୍ଦ୍ରକୁ ଶୁକ୍ରବାର ଗ୍ରାମର ମହିଳାମାନେ ଘେରିଛନ୍ତି। କେନ୍ଦ୍ର ସମ୍ମୁଖରେ ଶତାଧିକ ମହିଳା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଖବରରୁ ଜଣାପଡିଛି, କାଳିପାଙ୍ଗା ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ଯଶୋଦା କହଁର ଦୀର୍ଘଦିନ ଧରି ଏହି କେନ୍ଦ୍ରରେ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ଠିକ ଭାବରେ କେନ୍ଦ୍ରକୁ ଆସୁ ନ ଥିବା ବେଳେ ଛାତ୍ରୀଛାତ୍ରଙ୍କୁ ଠିକ୍ ଭାବରେ ମାଧାହ୍ନ ଭୋଜନ ଦେଉନାହାନ୍ତି କି ଗ୍ରାମର ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଠିକ୍ ଭାବେ ଖାଦ୍ୟ ଦେଉନାହାନ୍ତି। ଛାତ୍ରୀଛାତ୍ର, ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ଆସୁଥିବା ଖାଦ୍ୟ ସେ ବିକ୍ରି କରିଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କର୍ମୀ ଯଶୋଦାଙ୍କ ଏପରି ଅବହେଳା ନେଇ ଗ୍ରାମବାସୀ ବହୁବାର ମହିଳା ଓ ଶିଶୁ ବିକାଶ ଅଧିକାରୀଙ୍କଠାରୁ ଆରମ୍ଭ କରି ଉପଜିଲାପାଳ ଓ ଜିଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ ମଧ ଲିଖିତ ଭାବରେ ଜଣାଇଛନ୍ତି । ମାତ୍ର କିଛି ସୁଫଳ ମିଳିନାହିଁ। ଅଙ୍ଗନୱାଡି କର୍ମୀଙ୍କ ଅବହେଳାରେ ଅତିଷ୍ଠ ହୋଇ ଶୁକ୍ରବାର ଗ୍ରାମର ଶତାଧିକ ମହିଳା ଅଙ୍ଗନବାଡି କେନ୍ଦ୍ର ସମ୍ମୁଖରେ ଆନ୍ଦୋଳନ କରି ସମ୍ପୃକ୍ତ କର୍ମୀଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଦାବି କରିଛନ୍ତି । ଏ ବିଷୟରେ ଖବର ପାଇ ଫିରିଙ୍ଗିଆ ବ୍ଲକ ଦାୟିତ୍ୱରେ ଥିବା ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ନିବେଦିତା ପ୍ରଧାନଙ୍କ ସହ ଦାୟିତ୍ୱରେ ଥିବା ସୁପ୍ରଭାଇଜର ପ୍ରମିଳା ପ୍ରଧାନ କେନ୍ଦ୍ରରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ। ସୂଚନାଯୋଗ୍ୟ, ସମ୍ପୃକ୍ତ କର୍ମୀ ଜଣକ ଆଗରୁ ମଧ ବହୁବାର ଏଭଳି ଅବହେଳା ପ୍ରଦର୍ଶନ କରି ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ । ଘଟଣାକୁ ନେଇ ବିଭାଗୀୟ ଅଧିକାରୀମାନେ ତଦନ୍ତ ମଧ କରିଥିଲେ। ସମ୍ପୃକ୍ତ କର୍ମୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିଲା ।



ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ପ୍ରଧାନ ଶିକ୍ଷକ ମନୋନୀତ

### ଫୋନ ଯୋଗେ କଥା ହେଲେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ

ରାୟଗଡ଼,୨୨।୧୧ (ଜ୍ୟୋତି ପ୍ରସାଦ ପାଣି)



ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ବେହେରା ବ୍ଲକସ୍ତରର ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଭାବେ ମନୋନୀତ ହୋଇଛନ୍ତି । ଗଜପତି ଜିଲାର ୧୬୨ଟି ସରକାରୀ ଉଚ୍ଚ ବିଦ୍ୟାଳୟରୁ ଗୋଟିଏ ମାତ୍ର ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେହେରା ମନୋନୀତ ହୋଇଥିବା ଜଣାପଡିଛି। ପ୍ରଧାନଶିକ୍ଷକ ବେହେରାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅତିରିକ୍ତ ସଚିବ ଅନୁପମ ଶାହା ଫୋନ ଯୋଗେ କଥା ହୋଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ରାଜ୍ୟସ୍ତରୀୟ ଶ୍ରେଷ୍ଠ ପ୍ରଧାନଶିକ୍ଷକ ଭାବେ ରାଜ୍ୟର ୪୦ ଜଣ ଶିକ୍ଷକଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଏହି ତାଲିକାରେ ଗଜପତି ଜଲାରୁ ବେହେରାଙ୍କ ନାମ ଉଲ୍ଲେଖ ରହିଛି। ଏହି ଖବର ପାଇ ରାୟଗଡ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଉପାଧକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ସୁଧୀର କୁମାର ସିଂ, ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ. ପାପା ରାଓଙ୍କ ସମେତ ଅନ୍ୟମାନେ ପ୍ରଧାନଶିକ୍ଷକ ବେହେରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅନନ୍ତ ହତ୍ୟାର କାରଣ ପୂର୍ବ ଶତ୍ରୁତା,୪ ଧରାହେଲେ

ଶେରଗଡ,୨୨।୧୧(ସୂର୍ଯ୍ୟ ନାରାୟଣ ଦାଶ)–

ଶେରଗଡ ବ୍ଲକ ବନ୍ଧାଗୁଡା ଜଗନ୍ନାଥ ବିଦ୍ୟାପୀଠ ପାର୍ଶ୍ୱ ରାସ୍ତାରେ ଅନନ୍ତ ନାରାୟଣ ପଟ୍ଟନାୟକ ହତ୍ୟା ମାମଲାର ପର୍ଦ୍ଦାଫାଶ କରିଛି ଶେରଗଡ ପୋଲିସ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ଜଣେ ନାବାଳକ ଏପରି ମୋଟ ୪ଜଣଙ୍କୁ ଧରିଛି ପୋଲିସ। ସମ୍ପୃକ୍ତ ନାବାଳକଙ୍କୁ ବ୍ରହ୍ମପୁରସ୍ଥିତ ସୁଧାର ଗୃହକୁ ପଠାଯାଇଛି। ଅନ୍ୟ ତିନି ଜଣ ପଥରପୁଞ୍ଜି ଗ୍ରାମର ରିଙ୍କୁ ସ୍ୱାଇଁ, ଜିତେନ୍ଦ୍ର ସ୍ୱାଇଁ, ରୁଦ୍ର ଗୌଡଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଏହି ୩ ଜଣଙ୍କୁ ଆସିକା ଜେଲ ହାଜତକୁ ପଠାଯାଇଥିବା ଶେରଗଡ଼ ପୋଲିସ କହିଛି।

ପୋଲିସ ସୂଚନା ଅନୁସାରେ, ୨୦୨୩ ଅକ୍ଟୋବରରେ ପଥରପଞ୍ଜିର ବୁଲୁ ସ୍ୱାଇଁ ଘରେ ଥିବା ବେଳେ ଅନନ୍ତ ନାରାୟଣ ପଟ୍ଟନାୟକ ତାଙ୍କୁ ଘରୁ ଡାକି ଆଣି ଖଣ୍ଡାରେ ହତ୍ୟା କରି ଫେରାର ହୋଇଯାଇଥିଲେ। ସେବେଠାରୁ ଅନନ୍ତଙ୍କୁ ରାସ୍ତାରୁ ହଟାଇବା ପାଇଁ ଉପରୋକ୍ତ ୪ଜଣ ଯୋଜନା କରିଥିଲେ। ଅନନ୍ତ ପ୍ରତିଥର ଜାଗା ପରିବର୍ତ୍ତନ କରୁଥିଲେ। ତଥାପି ତାଙ୍କ ଗତିବିଧି ଉପରେ ଏହି ୪ଜଣ ନଜର ରଖିଥିଲେ । ବୁଧବାର ଅନନ୍ତ ଖିରିଡା ଅଞ୍ଚଳରେ ରହୁଥିବା ଖବର ପାଇ ଏମାନେ ତାଙ୍କ ପିଛା କରିଥିଲେ। ଅନନ୍ତ ଏକ ବାଇକ୍‌ରେ ଦୁଇଜଣଙ୍କୁ ବସାଇ ଯାଉଥିବା ବେଳେ ନୂଆଖିରିଡା ରାସ୍ତାରେ ଏହି ୪ଜଣ କାଠରେ ଅନନ୍ତଙ୍କୁ ଆକ୍ରମଣ କରିଥିଲେ। ସେ ବାଇକ୍‌ରୁ ପଡିଯିବା ପରେ ତାଙ୍କୁ ନିଘୁଚ୍ଚ ମାଡ଼ ମାରିଥିଲେ। ଫଳରେ ଅନନ୍ତ ଗୁରୁତରହୋଇ ଅଚେତ ହୋଇଯାଇଥିଲା। ପରେ ରିଙ୍କୁନ ଓ ରୁଦ୍ର ଅଚେତ ଅନନ୍ତଙ୍କୁ କାରରେ ନେଇ ବନ୍ଧାଗୁଡା ଜଗନ୍ନାଥ ବିଦ୍ୟାପୀଠ ପାର୍ଶ୍ୱରେ ଫିଙ୍ଗି ଦେଇ ଫେରାରା ହୋଇଯାଇଥିଲେ। ଏହି ଖବର ପ୍ରଚାର ହେବାପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଶେରଗଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଅନନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅନନ୍ତଙ୍କ ବାପା ଦଣ୍ଡପାଣି ପଣ୍ଡା ଶେରଗଡ ଥାନାରେ ମୋ ପୁଅକୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ଏତାଲା ଦେବାପରେ ଥାନା ଅଧିକାରୀ ବରେନ୍ଦ୍ର ଶିଆଳଙ୍କ ନେତୃତ୍ୱରେ ଏକ ଟିମ ଗଠନକରି ଛାନଭିନ ଚଳାଇ ଶୁକ୍ରବାର ସକାଳେ ପଥରପୁଞ୍ଜି ଗ୍ରାମରୁ ଫେରାର ହେବାକୁ ପ୍ରସ୍ତୁତ ହେଉଥିବା ବେଳେ ରିଙ୍କୁନ, ଜିତେନ୍ଦ୍ର, ରୁଦ୍ର ଓ ନାବାଳକ ଜଣଙ୍କୁ ଧରିଥିଲେ। ପଚରା ଉଚରା ପରେ ଏହି ୪ଜଣ ଅନନ୍ତଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ନଂ. ୪୭୫/୨୪ରେ ମାମଲା ରୁଜୁ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏପରି ଘଟଣା ଘଟିଥିବା ଥାନା ଅଧିକାରୀ ଶିଆଳ ସୂଚନା ଦେଇଛନ୍ତି।



## ଘରୁ ବୋମା ଜବତ, ପୁଅ ପରେ ବାପା ଜେଲ ଗଲେ

ଦିଗପହଣ୍ଡି,୨୨।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଏନ୍‌ଏସି ୧ ନଂ ୱାର୍ଡ ମୁକ୍ତେଶ୍ୱର ଶୈବପୀଠ ସଂଲଗ୍ନ କେନାଲ ସାହିର ଏକ ଭଡ଼ା ଘରେ ରହୁଥିବା ପଦ୍ମନାଭପୁର ଗ୍ରାମର ରାଜେନ୍ଦ୍ର ସେଠୀଙ୍କ ଠାରୁ ପୋଲିସ ଶୁକ୍ରବାର ୨ଟି ବୋମା ଜବତ କରିଥିବା ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଖବରଦାତା ସମ୍ମିଳନୀରେ କହିଛନ୍ତି। ସକାଳେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ରାଜେନ୍ଦ୍ର ଘରେ ବୋମା ରଖିଥିବା ଖବରପାଇ ତାଙ୍କୁ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ନିକଟ ମୁଖ୍ୟରାସ୍ତାରୁ ଉଠାଇ ନେଇଥିଲା। ଘରେ ଚଢ଼ାଉ ଘରେ ଚଢ଼ାଉ ପରେ ଅଳ୍ପ ଦୂରରେ ଥିବା ଚାଷଜମି ବୁଦା ମୂଳକୁ ଏକ ପ୍ଲାଷ୍ଟିକ ଡ୍ରମରେ ୨ ଟି ବୋମା ରଖିଥିବା ସ୍ୱୀକାର କରିଥିଲେ। ତାଙ୍କ ସୂଚନା ଆଧାରରେ ପୋଲିସ ଟିମ୍ ବୁଦା ମୂଳରେ ଲୁଚାଇ ରଖାଯାଇଥିବା ପ୍ଲାଷ୍ଟିକ ଡ୍ରମ ସହ ବୋମା ୨ଟିକୁ ଜବତ କରିଥିଲା। ପୂର୍ବରୁ ରାଜେନ୍ଦ୍ରଙ୍କ ପୁଅ ଅଜିତ ସେଠୀ ଓରଫ ବଲିଆଙ୍କୁ ପୋଲିସ ଗତ ୨୬ ତରିଖରେ ଦିଗପହଣ୍ଡିରେ ହୋଇଥିବା ବୋମାମାଡ଼ ଏବଂ ଗତ ୨୮ ତାରିଖ ବିଳମ୍ବିତ ରାତିରେ ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ଗ୍ରାମର ଗାଡ଼ି ଚାଳକ ଧନୁ ଗୌଡ଼ଙ୍କ ଘର ସମ୍ମୁଖରେ ବୋମା ମାଡ଼ ଘଟଣାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ୩୦ରେ ମୁକ୍ତେଶ୍ୱର ପୀଠ ସଂଲଗ୍ନ କେନାଲ ସାହିରେ ଭଡାରେ ରହୁଥିବା ରାଜେନ୍ଦ୍ର ସେଠୀଙ୍କ ଘରକୁ ଲକ୍ଷ୍ୟକରି ବୋମାମାଡ଼ କରାଯାଇଥିଲା। ଦୁର୍ବୃତ୍ତ ମାନେ ବାଇକରେ ଆସି ରାଜେନ୍ଦ୍ରଙ୍କ ଘରକୁ ଲକ୍ଷ୍ୟକରି ଲଗାତାର ୨ଟି ବୋମା ଫିଙ୍ଗିଥିଲେ। ଏନେଇ ରାଜେନ୍ଦ୍ରଙ୍କ ସ୍ତ୍ରୀଙ୍କ ଏତଲା ଦେଇଥିଲେ। ଶୁକ୍ରବାର ଥାନା ଏସଆଇ ଜ୍ୟୋତି ରଞ୍ଜନ ବେହେରାଙ୍କ ଏତଲା କ୍ରମେ ରାଜେନ୍ଦ୍ରଙ୍କ ବିରୋଧରେ ଥାନା ମାମଲା ନଂ.୪୬୨/୨୪ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଛି। ରାଜେନ୍ଦ୍ରଙ୍କୁ ଘର ମାଲିକ ଘରୁ ଉଠାଇ ଦେବା ପରେ ତାଙ୍କ ପୁଅ ଅଜିତ ପ୍ରତିପକ୍ଷ ଗୋଷ୍ଠୀର ଯୁବକମାନଙ୍କୁ ବୋମାମାଡ଼ କରିବା ପାଇଁ ଘରେ ୨ଟି ବୋମା ରଖିଥିଲେ ବୋଲି ଅଭିଯୁକ୍ତ ରାଜେନ୍ଦ୍ର ବୟାନ ଦେଇଥିବା ତଦନ୍ତକାରୀ ଅଧିକାରୀ ଏସଆଇ ସୋଫିଆ ମିଶ୍ର କହିଛନ୍ତି।

### ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ଜଣେ ମୃତ

ଦିଗପହଣ୍ଡି,୨୨।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ନରେନ୍ଦ୍ରପୁର ଗ୍ରାମରେ ଗତ ଶନିବାର ସନ୍ଧ୍ୟାରେ ଗ୍ୟାସ୍ ସିଲିଣ୍ଡର ପାଇପ ଲିକରୁ ଅଗ୍ନିକାଣ୍ଡ ଘଟଣାରେ ଗୋଟିଏ ପରିବାରର ସ୍ୱାମୀ, ସ୍ତ୍ରୀ ଓ ପୁଅ ଅର୍ଦ୍ଧଦଗ୍ଧ ହୋଇ ଗୁରୁତର ହୋଇଥିଲେ। ଗୁରୁବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏମ୍‌ସ ହସ୍ପିଟାଲରେ ସ୍ୱାମୀ ଜି.ବୁଡୁ ରେଡ୍ଡୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି।

ସୂଚନାଯୋଗ୍ୟ, ରୋଷେଇ ବେଳେ ସିଲିଣ୍ଡର ପାଇପରୁ ଗ୍ୟାସ୍ ନିର୍ଗତ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ସ୍ୱାମୀ ବୁଡୁ, ସ୍ତ୍ରୀ ବବି ଏବଂ ପୁଅ ଜି .କାହ୍ନା ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ବୁଡୁଙ୍କ ଅବସ୍ଥାରେ ସୁଧାର ନଆସିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା। ଦୀର୍ଘ ୬ ଦିନର ଚିକିତ୍ସା ପରେ ତାଙ୍କ ମୃତ୍ୟୁ ଘଟିଛି। ଅପରପକ୍ଷରେ ସ୍ତ୍ରୀ ଓ ପୁଅ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ସ୍ୱାମୀଙ୍କ ମୃତ୍ୟୁ ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ଉଭୟଙ୍କୁ ଘରକୁ ଛଡାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ମୃତକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ବି.ଡୁରୁବୁଡ଼ି ସରପଞ୍ଚ ଲିଙ୍ଗରାଜ ଦୋରାଙ୍କ ସମେତ ବହୁ ସଂଖ୍ୟକ ଗ୍ରାମବାସୀ ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ତହସିଲଦାର ଅନୀତା କୁମାରୀ ସାହୁଙ୍କ ସହିତ ଆଲୋଚନା କରିଥିଲେ।

## ଅନାସ୍ଥାରେ ହାରିଲେ ଆମ୍ବପୁଆ ସରପଞ୍ଚ



ବେଲଗୁଣ୍ଠା,୨୨।୧୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଆମ୍ବପୁଆ ପଞ୍ଚାୟତର ସରପଞ୍ଚ ନଳିନୀ ବେହେରାଙ୍କ ମନୋମୁଖୀ କାର୍ଯ୍ୟକୁ ବିରୋଧ କରି ଏହି ପଞ୍ଚାୟତର ବହୁ ୱାର୍ଡ ସଭ୍ୟ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ବେଳେ ପ୍ରଶାସନର ନିର୍ଦ୍ଦେଶକ୍ରମେ ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନାସ୍ଥା ଭୋଟ୍ କରାଯାଇଥିଲା। ଏହି ଅନାସ୍ଥା ଭୋଟ୍ ସରପଞ୍ଚ ବେହେରାଙ୍କ ବିପକ୍ଷରେ ଯାଇଥିବା ଜଣାପଡିଛି। ପଞ୍ଚାୟତର ମୋଟ୍ ୨୦ଜଣ ସଭ୍ୟଙ୍କ ମଧ୍ୟରୁ ସରପଞ୍ଚ ବେହେରାଙ୍କ ସପକ୍ଷରେ ମାତ୍ର ଚାରି ଖଣ୍ଡ ଭୋଟ୍ ପଡ଼ିଥିବା ବେଳେ ବିପକ୍ଷରେ ୧୬ ଖଣ୍ଡ ଭୋଟ୍ ପଡ଼ିଥିଲା। ସରପଞ୍ଚଙ୍କ ସପକ୍ଷରେ ନିଜେ ସରପଞ୍ଚ ନଳିନୀ ବେହେରା, ୱାର୍ଡ ସଭ୍ୟ ଝୁମୁରୀ ସେଠୀ, ଶୁଭଲକ୍ଷ୍ମୀ ସ୍ୱାଇଁ, ବିଜୟ ଗୌଡ଼ ଭୋଟ୍ ଦେଇଥିବା ବେଳେ ବିପକ୍ଷରେ ନାଏବ ସରପଞ୍ଚ ଶିବ ଶଙ୍କର ସେଠୀ, ୱାର୍ଡ ସଭ୍ୟ କାମିନୀ ନାଇକ, ବବିତା ବାଡ଼ତ୍ୟା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ରାଜେଶ୍ ବେହେରା, ସଙ୍ଗୀତା କୁମାରୀ ନାଇକ, ଗୌତମ ମହାରଣା, ଝୁନୁ ଖଣ୍ଡୁଆଳ, ସୁବଳ ସ୍ୱାଇଁ, ମାଧୁରୀ ନାଇକ, ମନିଷା ଦଳାଇ, ସୁଜାତା ଗୌଡ଼, ବାଳକୃଷ୍ଣ ଗୌଡ଼, ଶାନ୍ତି ସ୍ୱାଇଁ, ରଜନୀ ପ୍ରଧାନ, ମନିଷା ମଲିକ ଭୋଟ୍ ଦେଇଥିଲେ। ଏହି ଅନାସ୍ଥା ଭୋଟ୍‌ରେ ମାଜିଷ୍ଟ୍ରେଟ ଦାୟିତ୍ୱ ଆଡିସନାଲ୍ କଲେକ୍ଟର୍ ଅମିତ୍ ରଞ୍ଜନ ହୋତା ତୁଲାଇଥିବା ବେଳେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ପ୍ରିଜାଇଡ଼ିଂ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ବିଡ଼ିଓ ଭାରତୀ ଦେବୀ ଏବଂ ଥାନା ଅଧିକାରୀ ବନବିହାରୀ ପ୍ରଧାନ ଉପସ୍ଥିତ ଥିଲେ। ଅନାସ୍ଥା ପରେ ନଳିନୀ ବେହେରା ପଦବୀ ହରାଇଥିବା ବେଳେ ଶିବ ଶଙ୍କର ସେଠୀ ନୂତନ ସରପଞ୍ଚ ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

## ମିଟର ବଦଳାଇବାକୁ ବିରୋଧ କଲେ ଗ୍ରାମବାସୀ

### ଫେରିଆସିଲେ ବିଦ୍ୟୁତ୍ କର୍ମଚାରୀ

ଆସିକା,୨୨।୧୧(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବ୍ଲକର ହରିଡାପଦର ପଞ୍ଚାୟତର କୋଟିନଡା ଥାନା ଅନ୍ତର୍ଗତ ମଣ୍ଡାପଡା ଗ୍ରାମରେ ଶୁକ୍ରବାର ମିଟର ବଦଳାଇବାକୁ ଯାଇଥିବା ବିଦ୍ୟୁତ୍ ବିଭାଗ କର୍ମଚାରୀ ହଟହଟାର ଶିକାର ହୋଇଛନ୍ତି। ଗ୍ରାମର ଶତାଧିକ ଗ୍ରାମବାସୀ ଗାଁ ମୁଣ୍ଡରେ ମେଳି ବାନ୍ଧି ସମ୍ପୃକ୍ତ ଦଳକୁ ଗ୍ରାମ ଭିତରକୁ ପଶିବାକୁ ଦେଇ ନ ଥିଲେ। ବିଦ୍ୟୁତ୍ ଯୋଗାଣକୁ ନେଇ ରହିଥିବା ସମସ୍ୟାର ସମାଧାନ ପରେ ହିଁ ମିଟର ଯାଞ୍ଚ କରି ମିଟର ବଦଳାଇପାରିବେ ବୋଲି ଗ୍ରାମବାସୀ କହିଥିଲେ। ଏଭଳି ସ୍ଥିତିରେ ବ୍ରହ୍ମେଶ୍ୱର ମନ୍ଦିରଠାରେ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ, ପୋଲିସ ଓ ଗ୍ରାମ ପ୍ରତିନିଧିଙ୍କ ଏକ ବୈଠକ ବସିଥିଲା । ବୈଠକରେ ଗ୍ରାମବାସୀ ଗ୍ରାମରେ ଭଙ୍ଗାରୁଜା ହୋଇ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ ବଦଳାଇବା, ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର ଲାଗି ସୁରକ୍ଷା ବ୍ୟବସ୍ଥା କରିବା, ନୂଆ ମିଟର ଲଗାଇଲେ ଏଥିଲାଗି ଉପଭୋକ୍ତାଙ୍କୁ ଦେୟ ଦାବି ନ କରିବା, ବିଭିନ୍ନ ସମୟରେ ବିଦ୍ୟୁତ ସେବା ଲାଗି ବିଭାଗ ପକ୍ଷରୁ ପ୍ରଦତ୍ତ ହେଲ୍ପଲାଇନ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ଓ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବା ଲାଗି ଦାବି କରିଥିଲେ । ଏସବୁ ସମସ୍ୟାର ସମାଧାନ ହେବା ପରେ ବିଦ୍ୟୁତ ବିଭାଗ ମିଟର ବଦଳାଇବାରେ ଗ୍ରାମବାସୀଙ୍କ ଆପତ୍ତି ନାହିଁ ବୋଲି ରୋକଠୋକ ଶୁଣାଇଥିଲେ। ଏ ପରିସ୍ଥିତିରେ ବିଦ୍ୟୁତ କର୍ମଚାରୀ ମିଟର ବଦଳାଇ ନ ପାରି ବାଧ ହୋଇ ଫେରିଥିଲେ। ଏ ସମ୍ପର୍କରେ ବିଦ୍ୟୁତ ଯୋଗାଣକାରୀ ସଂସ୍ଥାର ଏନ୍‌ଫୋର୍ସମେଣ୍ଟ ନିର୍ବାହୀ ଅଧିକାରୀ ପ୍ରମୋଦ ନାୟକଙ୍କୁ ପଚାରିବାରୁ ସେ କହିଲେ, ବିଦ୍ୟୁତ୍ ବିଭାଗ ପକ୍ଷରୁ ନୂଆ ମିଟର ବସାଇବା ଲକ୍ଷ୍ୟରେ କର୍ମଚାରୀ ଯାଇ ନ ଥିଲେ । ଗ୍ରାମରେ ବାରମ୍ବାର ଟ୍ରାନ୍ସଫର୍ମର ପୋଡୁଥିବାରୁ ଉପଭୋକ୍ତାଙ୍କ ମିଟର ଯାଞ୍ଚ କରି ଆବଶ୍ୟକ ମୁତାବକ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା ସହ ଆବଶ୍ୟକ ସ୍ଥଳେ ନୂଆ ମିଟର ବଦଳାଇବା ଲାଗି ଯାଇଥିଲେ । ତେବେ ପୂର୍ବରୁ ବହୁବାର ଗ୍ରାମବାସୀଙ୍କ ପକ୍ଷରୁ ମଧ ଏଭଳି ଯାଞ୍ଚକୁ ସଂଘବଦ୍ଧ ଭାବେ ବିରୋଧ କରାଯାଉଛି । ଏହି ଯାଞ୍ଚ ବେଳେ କୋଟିନଡା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ଶାହାଙ୍କ ସମେତ ପ୍ରାୟ ୨ ପ୍ଲାଟୁନ ପୋଲିସ ସାମିଲ ଥିଲେ ।

## ମହିଳା କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ

### ଅହଲ୍ୟାଦେବୀ ମହିଳା ଏଚ୍‌ଏସ୍‌ଏସ୍ ଦଳ ଚାମ୍ପିୟନ୍

ବୁଗୁଡ଼ା,୨୨।୧୧(କାଳିଚରଣ ଦାଶ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା ଆନୁକୂଲ୍ୟରେ ପିପୁଲ୍ସ କଲେଜ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଆୟୋଜିତ ଦ୍ୱିଦିବସୀୟ ଜୋନାଲସ୍ତରୀୟ ଆନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହିଳା କବାଡି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପିପୁଲ୍ସ କଲେଜ ପରିସରରେ ଅନୁଷ୍ଠିତ ଉକ୍ତ ଟୁର୍ନାମେଣ୍ଟରେ ୭ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ଅହଲ୍ୟାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲିପଦର ଦଳ ୩୪–୩୧ ପଏଣ୍ଟରେ ପିପୁଲ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବୁଗୁଡ଼ା ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚ୍‌କୁ ଆମ୍ପାୟର ଶ୍ରୀନିବାସ ଦୋରା ଓ ବିଶ୍ୱେଶ୍ୱର ଗିରି, ରେଫେରି ବିଷ୍ଣୁ ପ୍ରସାଦ ବେହେରା ପରିଚାଳନା କରିଥିବା ବେଳେ ସ୍କୋରର୍ ଭାବେ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଓ ଦୀପକ କୁମାର ସାହୁ , ଲାଇନସ୍‌ମ୍ୟାନ୍ ଭାବେ ଅକ୍ଷୟ କୁମାର ନାୟକ ଓ ବ୍ରଜ ବିହାରୀ ଦଳେଇ ନିୟୋଜିତ ଥିଲେ। ଉକ୍ତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ପିପୁଲ୍ସ କଲେଜ ପରିଚାଳନା ସମିତି ସଭାପତି ରଜନୀ କାନ୍ତ ଭଞ୍ଜ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅକ୍ଷୟ କୁମାର ସାହୁ ଓ ଦିଲ୍ଲୀପ କୁମାର ସେଠୀ ଯୋଗ ଦେଇ ଖେଳାଳିଙ୍କୁ ମାର୍ଗ ଦର୍ଶନ କରିବା ସହ ବିଜେତା ଅହଲ୍ୟାଦେବୀ ମହିଳା ଏଚ୍‌ଏସ୍‌ଏସ୍ ଦଳକୁ ୱିନର ଟ୍ରଫି ଏବଂ ଉପବିଜେତା ପିପୁଲ୍ସ ଏଚ୍‌ଏସ୍‌ଏସ୍ ଦଳକୁ ରନର୍ ଟ୍ରଫି ପ୍ରଦାନ କରିଥିଲେ। ଏଥି ସହ ଟୁର୍ନାମେଣ୍ଟର ବେଷ୍ଟ ରାଡାର ଭାବେ ଆସିକା ଏଚ୍‌ଏସ୍‌ଏସ ଦଳର ଖେଳାଳି ସ୍ୱାଗତିକା ନାୟକ ଏବଂ ବେଷ୍ଟ ଅଲରାଉଣ୍ଡର ଭାବେ ମୁଣ୍ଡମରାଇ ଏଚ୍‌ଏସ୍‌ଏସ୍ ଦଳର ଖେଳାଳି ଚାନ୍ଦିନୀ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ପିପୁଲ୍ସ କଲେଜ ସ୍ପୋର୍ଟସ ଆସୋସିଏସନ ଉପସଭାପତି ଆତ୍ମପ୍ରକାଶ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଟୁର୍ନାମେଣ୍ଟକୁ କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ପରିଚାଳନା କରିଥିଲେ।

## ଦିଗପହଣ୍ଡିରେ ସିରିଜ୍ ଚୋରି

ଦିଗପହଣ୍ଡି,୨୨।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ସାମ୍ନା ମାର୍କେଟ କମ୍ପ୍ଲେକ୍ସରେ ଥିବା ୪ ଦୋକାନର ତାଲା ଭାଙ୍ଗି ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ବିଭିନ୍ନ ସାମଗ୍ରୀ, ଲାପଟପ୍ ଏବଂ ପ୍ରାୟ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ସନିଆ ଡାକୁଆଙ୍କ ସେଲୁନ, ଦନାର୍ଦ୍ଦନ ନାୟକଙ୍କ ହୋଟେଲ, ଅଜୟ ପ୍ରଧାନ ଓ ସୁମିତ ପଟ୍ଟନାୟକଙ୍କ ବେକେରୀ ଏବଂ ମନୋରଞ୍ଜନ ରାଉତଙ୍କ କୋଲ୍ଡ ବାର୍‌ରୁ ଚୋରି ହୋଇଛି। ମାର୍କେଟ କମ୍ପ୍ଲେକ୍ସରେ ଲଗାଯାଇଥିବା ସମସ୍ତ ସିସିଟିଭି କ୍ୟାମେରାକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ଦିଗପହଣ୍ଡି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମାର୍କେଟ କମ୍ପ୍ଲେକ୍ସରେ ଥିବା ସିସିଟିଭି ହାର୍ଡ ଡିସ୍କ ଥାନାକୁ ନେଇ ତଦନ୍ତ ଚଳାଇଛି।

## ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା

ଆସିକା,୨୨।୧୧(ସୁରେନ୍ଦ୍ର ନାଥ ସାହୁ):

ଆସିକା ହରିହର ହାଇସ୍କୁଲ ମିନିଷ୍ଟାଡିୟମ ଠାରେ ଶୁକ୍ରବାର ୭୨ତମ ରାଜ୍ୟସ୍ତରୀୟ ବରିଷ୍ଠ ମହିଳା ଓ ପୁରୁଷ କବାଡ଼ି ପ୍ରତିଯୋଗିତା ଆରମ୍ଭ ହୋଇଛି । ଗଞ୍ଜାମ କବାଡ଼ି ଆସୋସିଏଶନର ସଭାପତି ତଥା ଆସିକା ବିଧାୟକ ସରୋଜ କୁମାର ପାଢୀ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଆସିକା ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ବିଧାୟକ ପ୍ରତିନିଧି ସଙ୍ଗୀତ ପାଢୀ, ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ରାଜ୍ୟ କବାଡି ସଂଘର ସାଧାରଣ ସଂପାଦକ ଅଜୟ ବେହେରା, ଗଞ୍ଜାମ ଜିଲା ଆଥଲେଟିକ ସଂଘର ସାଧାରଣ ସଂପାଦକ କେ. କାମେଶ୍ୱର ରାଓ, କବାଡି ସଂଘର କାର୍ଯ୍ୟକାରୀ ସଭାପତି ଶିବ ନାୟକ, ଉପସଭାପତି ସତ୍ୟନାରାୟଣ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ପ୍ରତିଯୋଗିତାରେ ଓଡିଶାର ୩୦ ଜିଲାରୁ ୩୪ଟି ପୁରୁଷ ବିଭାଗର ୪୦୮ଜଣ ଖେଳାଳି ଓ ୨୯ଟି ମହିଳା ବିଭାଗରେ ୩୪୮ ଖେଳାଳି ଅଂଶ ଗ୍ରହଣ କରିଛନ୍ତି । ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି କଟକରେ ହେବାକୁ ଥିବା ଜାତୀୟ କବାଡି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଆସିକାର ଆରାଧ୍ୟ ଦେବୀ ମା ଖମ୍ବେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଏକ ମଶାଲ ଶୋଭାଯାତ୍ରାରେ ଖେଳାଳିମାନେ ନଗର ପରିକ୍ରମା କରି ଷ୍ଟାଡିୟମଠାରେ ପହଞ୍ଚିଥିଲେ । ଷ୍ଟାଡିୟମରେ ପତାକା ଉତ୍ତୋଳନ ଓ ଶପଥ ପାଠ ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଉଦଘାଟନୀ ମ୍ୟାଚ ଓଡିଶା ପୋଲିସ ଓ ଝାରସୁଗୁଡା ଦଳ ମଧ୍ୟରେ ହୋଇଥିଲା । ଏଥିରେ ଓଡିଶା ପୋଲିସ ୩୩ ଓ ଝାରସୁଗୁଡା ୧୪ ପଏଣ୍ଟ ହାସଲ କରିଥିଲା। ସେହିଭଳି ଅନୁଗୋଳ ଓ ସୁବର୍ଣ୍ଣପୁର ଟିମ ମଧ୍ୟରେ ହୋଇଥିବା ମ୍ୟାଚରେ ଅନୁଗୋଳ ୩୩ ଓ ସୁବର୍ଣ୍ଣପୁର ୧୪ ପଏଣ୍ଟ ହାସଲ କରିଥିବା ବେଳେ ଭୁବନେଶ୍ୱର ଓ ନୟାଗଡ ମଧ୍ୟରେ ହୋଇଥିବା ମହିଳା ମ୍ୟାଚରେ ଭୁବନେଶ୍ୱର ୩୩ ଓ ନୟାଗଡ ୫ ପଏଣ୍ଟ ହାସଲ କରିଛି । ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲିବ। ରବିବାର ଉଦଯାପନୀ କାର୍ଯ୍ୟକ୍ରମ ରହିଛି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ମସିହାଖାଲି ସମିତିସଭ୍ୟାଙ୍କ ସ୍ୱାମୀଙ୍କୁ ଆକ୍ରମଣ, ସରପଞ୍ଚଙ୍କ ନାଁରେ ମାମଲା

ବ୍ରହ୍ମପୁର,୨୨।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା କୁକୁ ବ୍ଲକ ଅନ୍ତର୍ଗତ ପାର୍କ ନିର୍ମାଣକୁ ନେଇ ମସିହାଖାଲି ପଞ୍ଚାୟତର ସମିତି ସଭ୍ୟାଙ୍କ ସ୍ୱାମୀଙ୍କୁ ସରପଞ୍ଚ ଓ ତାଙ୍କ ସହଯୋଗୀମାନେ ଆକ୍ରମଣ କରିଥିବା ସଦର ଥାନାରେ ଅଭିଯୋଗ ହୋଇଛି। ପଞ୍ଚାୟତର ସମିତିସଭ୍ୟ ଫଣ୍ଡକୁ ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ଆସିଛି। ସେହି କ୍ରମରେ ଗୁରୁବାର ସରପଞ୍ଚ କାପଲ ବୁଲୁ ଓ ତାଙ୍କର ସହଯୋଗୀ ସମିତିସଭ୍ୟାଙ୍କ ଗାଁ ପ୍ରତାପ କୃଷ୍ଣଚନ୍ଦ୍ରପୁରରେ ପହଞ୍ଚି ଗ୍ରାମର ନୃସିଂହମନ୍ଦିର ନିକଟରେ ରହି ସମିତିସଭ୍ୟାଙ୍କ ସ୍ୱାମୀ କେ. ଲକ୍ଷ୍ମୀ ନାରାୟଣଙ୍କୁ କାମ ବିଷୟରେ କଥା ହେବାକୁ ଡାକିଥିଲେ। ଲକ୍ଷ୍ମୀନାରାୟଣ ନିଜ ସହଯୋଗୀ ସନ୍ତୋଷ ପ୍ରଧାନଙ୍କୁ ଧରି ସେଠାରେ ପହଞ୍ଚିବା ପରେ ଟଙ୍କା କେଉଁ ପ୍ରକଳ୍ପ ଓ କେମିତି ଖର୍ଚ୍ଚ କରାଯିବ ବୋଲି ଆଲୋଚନା ହୋଇଥିଲା । ତେବେ ପାର୍କ ନିର୍ମାଣ ଓ ହନୁମାନ ମନ୍ଦିର ନିର୍ମାଣରେ ଟଙ୍କା ବ୍ୟୟ କରିବାକୁ ସମିତିସଭ୍ୟାଙ୍କ ସ୍ୱାମୀ ଲକ୍ଷ୍ମୀ ନାରାୟଣ କହିବା ସହ ଏହି ସବୁ କାମ ଆମ ପିଲାମାନେ କରିବେ ବୋଲି ଲକ୍ଷ୍ମୀ ନାରାୟଣ କହିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଲକ୍ଷ୍ମୀନାରାୟଣ ଓ ସନ୍ତୋଷଙ୍କୁ ସରପଞ୍ଚଙ୍କ ସହଯୋଗୀମାନେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଥାନାରେ ଅଭିଯୋଗ କଲେ ହତ୍ୟା କରିବାକୁ ଧମକ ଦେଇଥିବା ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ମାମଲା ନଂ. ୩୯୭/୨୪। ସରପଞ୍ଚ କେ.ବୁଲୁ ଏହା ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ବଦନାମ କରାଇବାକୁ ଚେଷ୍ଟା କରାଯାଉଥିବା କହିଛନ୍ତି।

## ଛାତ୍ରୀଙ୍କୁ ଅସଦାଚରଣ: ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର, ୨୨।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ଫାଷ୍ଟ ଟ୍ରାକ ପୋକସ ଜଜ ଗଣେଶ୍ୱର ପତି ଶୁକ୍ରବାର ଏକ ଅସଦାଚରଣ ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ଗୋଳନ୍ଥରା ଥାନା ଘାଟି କାଲୁଆର ଦୁଦୁ ନାଇକ(୨୭)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୧୯ ଜୁଲାଇ ୧୬ ତାରିଖରେ ଜଣେ ନବମ ଶ୍ରେଣୀ ଛାତ୍ରୀ ତାଙ୍କ ସାଙ୍ଗମାନଙ୍କ ସହ ସାଇକଲରେ ସ୍କୁଲ ଯାଉଥିଲେ। ରାସ୍ତାରେ ଜଣେ ଯୁବକ ଏକ ସ୍କୁଟିରେ ଆସି ଉକ୍ତ ଛାତ୍ରୀଙ୍କ ସାଇକଲ ଅଟକାଇଥିଲେ। ଗୋବିନ୍ଦନଗର ରାସ୍ତା ପଚାରିବା ସହ ତାଙ୍କୁ ଭିଡି ଧରିଥିଲେ। ତାଙ୍କର ସାଙ୍ଗମାନେ ପ୍ରତିବାଦ କରିବାରୁ ଯୁବକ ଜଣକ ସେମାନଙ୍କୁ ମଧ୍ୟ ଅସଦାଚରଣ ଉଦ୍ୟମ କରିଥିଲେ। ଛାତ୍ରୀମାନଙ୍କ ଚିତ୍କାର ଶୁଣି ଲୋକେ ଦୌଡ଼ି ଆସୁଥିବା ଦେଖି ଯୁବକ ଜଣଙ୍କ ଚମ୍ପଟ ମାରିଥିଲା। ପରେ ପିଡ଼ିତା ଛାତ୍ରୀ ଜଣଙ୍କ ଘରକୁ ଫେରି ତାଙ୍କ ବାପାଙ୍କୁ ଜଣାଇଥିଲେ। ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଗୋଳନ୍ଥରା ପୋଲିସ ଏସଂକ୍ରାନ୍ତରେ ନଂ.୧୭୨/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ଦୁଦୁ ନାଇକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ଅଭିଯୁକ୍ତ ଦୁଦୁଙ୍କୁ ଜାମିନ ମିଳିଥିଲା। ଉକ୍ତ ମାମଲାର ବିଚାରଣା ବେଳେ ୧୧ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ଅଭାବରୁ ଜଜ ଉପରୋକ୍ତ ରାୟ ଶୁଣାଇଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଏମ . କେ. ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରୁଥିଲେ।

# କର୍ପୋରେଟରଙ୍କୁ ଅଧିକାରୀଙ୍କ ଅଣଦେଖା ନେଇ ବୈଠକରେ ହଟ୍ଟଗୋଳ

ବ୍ରହ୍ମପୁର,୨୨।୧୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ସମ୍ମିଳନୀ କକ୍ଷରେ ଶୁକ୍ରବାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କାର୍ଯ୍ୟକୁ ଠିକାଦାରମାନେ ଠିକ ଭାବେ କରୁ ନ ଥିବା, ନୂତନ କାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରକଳ୍ପର ନାମ ଓ ଅଟକଳର ଫଳକ ରହୁ ନ ଥିବା ଏବଂ ସହରରେ ଶୌଚାଳୟ ସ୍ଥିତି ଯାଞ୍ଚ ହେଉ ନ ଥିବା ଆଦି ବିଭିନ୍ନ ସମସ୍ୟା ଓ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ତେବେ ଅଧା ଏଜେଣ୍ଡାରେ ବୈଠକ ସରିଯାଇଥିଲା। ଯାହାକୁ ନେଇ ବହୁ କର୍ପୋରେଟର ଅସନ୍ତୋଷ ପ୍ରକାଶ କରିଥିଲେ।

ବୈଠକରେ ରାଶନ କାର୍ଡ ଓ ଜନ୍ମମୃତ୍ୟୁ ପଞ୍ଜୀକରଣ ଦାୟିତ୍ୱରେ ଥିବା କର୍ମଚାରୀମାନେ କର୍ପୋରେଟରଙ୍କୁ କୌଣସି କାର୍ଯ୍ୟରେ ସହଯୋଗ କରୁ ନ ଥିବା ନେଇ କର୍ପୋରେଟର ତ୍ରିପତି ପାତ୍ର ଅଭିଯୋଗ କରିଥିଲେ। କର୍ପୋରେଟର ପଦ୍ମିନୀ ସାହୁଙ୍କ ସହ ରାଶନ କାର୍ଡ ଦାୟିତ୍ୱରେ ଥିବା କର୍ମଚାରୀ ଯୁକ୍ତିତର୍କ କରିଥିବାରୁ ଅନ୍ୟ କର୍ପୋରେଟରମାନେ ଏହାକୁ ବିରୋଧ କରି ସମ୍ପୃକ୍ତ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ ପାଇଁ ଦାବି କରି ହୋହଲ୍ଲା କରିଥିଲେ। ମେୟର ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡିଥିଲା। ସେହିପରି ନିଗମର ବିଭିନ୍ନ ୱାର୍ଡରେ ରହିଥିବା ଶୌଚାଳୟ କାର୍ଯ୍ୟକ୍ଷମ ହେଉ ନ ଥିବା କର୍ପୋରେଟର ସୁରେନ୍ଦ୍ର ମହାରଣା ଅଭିଯୋଗ କରିଥିଲେ। ସହରରେ ସଚଳ ଶୌଚାଳୟର ତଥ୍ୟ କର୍ପୋରେଟର ମାଗିଥିଲେ। ମେୟର କହିଥିଲେ, ୪୨ ୱାର୍ଡରେ ୫୧ ଶୌଚାଳୟ ରହିଛି। ୪୦ ଏସଏଚଜିକୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ୫ଜଣିଆ ଟିମ ଦ୍ୱାରା ଶୌଚାଳୟର ସ୍ଥିତି ଯାଞ୍ଚ କରାଯିବ। ଯେଉଁଥିରେ ସାନିଟେସନ ଇନ୍ସପେକ୍ଟର, ସ୍ୱାସ୍ଥ୍ୟ କମିଟି ଓ କର୍ପୋରେଟରମାନେ ରହିବେ ବୋଲି ମେୟର କହିଥିଲେ। ଯେଉଁ ଏସଏଚଜି ଶୌଚାଳୟ ରକ୍ଷଣାବେକ୍ଷଣ

### ଶୌଚାଳୟ ସ୍ଥିତି ଯାଂଚ ପାଇଁ ୫ ଜଣିଆ ଟିମ

### ଅଧପନ୍ତରିଆ କାର୍ଯ୍ୟ କଲେ ଠିକାଦାରଙ୍କ ସିକ୍ୟୁରିଟି ରଦ୍ଦ ନିର୍ଦ୍ଦେଶ

ଦାୟିତ୍ୱ ଠିକ ଭାବେ କରୁ ନାହାନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ କର୍ପୋରେଟର ପ୍ରଶାନ୍ତ କୁମାର ପଟ୍ଟନାୟକ କହିଥିଲେ। ଶୌଚାଳୟ ମରାମତି ପାଇଁ ଟେଣ୍ଡର ନେଇ ବୈଠକରେ ପାରିତ ହୋଇଥିଲା। ବିଏମସି ପରିସର ଓ ବସଷ୍ଟାଣ୍ଡଗୁଡ଼ିକରେ ମହିଳା ପରିସ୍ରାଗାର କରାଯିବା ପାଇଁ କର୍ପୋରେଟରମାନେ ପ୍ରସ୍ତାବ ରଖିଥିଲେ। ମେୟରଙ୍କୁ ପୂର୍ବତନ ଯନ୍ତ୍ରୀ ଗାଳି ଗୁଲଜ କରିବା ଘଟଣାରେ ପୋଲିସ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଯାହାକୁ ନେଇ କର୍ପୋରେଟର ପ୍ରଦୀପ ଶତପଥୀ ନିନ୍ଦା କରିବା ସହ ରାଜ୍ୟ ସରକାରଙ୍କୁ ରିଜ୍ୟୁଲେଶନସନ ପଠାଇବା ପାଇଁ ଦାବି କରିଥିଲେ। ସେହିଭଳି ପ୍ରତି ୱାର୍ଡରେ ସାହିଗୁଡିକର ନାମ ଫଳକ ଓ ସେଠାରେ ହେଉଥିବା କାର୍ଯ୍ୟର ଫଳକ, ଅଟକଳ ସମ୍ବନ୍ଧୀୟ ଫଳକ ପାଇଁ ନିଷ୍ପତ୍ତି ହୋଇଥିଲା। ଠିକାଦାରମାନେ କାର୍ଯ୍ୟ ଅଧପନ୍ତରିଆ କରି ଛାଡିଦେଲେ ସେମାନଙ୍କ ଇଏମଡି ଓ ସିକ୍ୟୁରିଟି ରଦ୍ଦ କରାଯିବ ବୋଲି ମେୟର କହିଥିଲେ। ବିଏମସିରେ ଅବଧି କାଳ ସରିଯାଇଥିବା ଗାଡି ଗୁଡିକର ପୁନଃ ଟେଣ୍ଡର କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସହରରେ ପାଇପ ଲାଇନ ଯୋଗେ ଗ୍ୟାସ ବଣ୍ଟନ ଯୋଜନା କାର୍ଯ୍ୟକାରୀ ନେଇ ଆସନ୍ତା ୨୬ ତାରିଖରେ କର୍ପୋରେଟରମାନେ ପୁରୀରେ ଆଇଓସିଏଲ ପ୍ଲାଣ୍ଟ ଭ୍ରମଣରେ ଯିବେ ବୋଲି ମେୟର କହିଥିଲେ। ବୈଠକରେ ମେୟର ସଂଘମିତ୍ରା ଦଳେଇ ଅଧ୍ୟକ୍ଷତା କରିଥିଲେ। ଡେପୁଟି ମେୟର ବିବେକ ରେଡ୍ଡି, କମିଶନର ଭବାନୀ ପ୍ରସାଦ ମିଶ୍ର, ଡେପୁଟି କମିଶନର ଆଶୀର୍ବାଦ ପରିଡା, ଅତିରିକ୍ତ କମିଶନର ରୋନିତ କୁମାରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ମେୟର, କମିଶନର ଓ ଅନ୍ୟମାନେ।


ବୈଠକରେ ମହିଳା କର୍ପୋରେଟରଙ୍କୁ ମେୟର ବୁଝାଶୁଝା କରୁଛନ୍ତି।

## ପାଇପ ଫ୍ୟାକ୍ଟ୍ରିରୁ ଚୋରି

ବ୍ରହ୍ମପୁର,୨୨।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସଦର ଥାନା ରାଇଖୋଲ ଗ୍ରାମରେ ଥିବା ପିଭିସି ପାଇପ ଫ୍ୟାକ୍ଟ୍ରିରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଶୁକ୍ରବାର ଏ ନେଇ ଫ୍ୟାକ୍ଟ୍ରି ମାଲିକ ଆଙ୍କୁଶପୁର କାଳି ମନ୍ଦିର ସାହିର ସୁରେଶ ସେଠୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୩୯୮/୨୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୁରେଶ ଦର୍ଶାଇଛନ୍ତି, ଯେ, ତାଙ୍କର ନିହାଲ ୟୁପିଭିସି ପାଇପ ନାମରେ ଏକ ଫ୍ୟାକ୍ଟ୍ରି ରହିଛି। ଗତ ୨ ତାରିଖରେ ସେଠାରୁ କେହି ୬ଟି ମୋଟର, ସାଇଜର ୧୨ଟି, ପିନ ୧୨ଟି, କପ ୧୨ଟି ଆଦି ଚୋରାଇ ନେଇଛନ୍ତି। ଯାହାର ମୂଲ୍ୟ ୧୩ ଲକ୍ଷ ୪୯ ହଜାର ଟଙ୍କା ହେବ।

## ରାଜ୍ୟ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନଶିପରେ ଗଞ୍ଜାମର ୧୯

ବ୍ରହ୍ମପୁର,୨୨।୧୧(ସ୍ୱାଧୀନ ଶେଖର ପାଢ଼ୀ)

ରାଜ୍ୟ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନଶିପ ଆରମ୍ଭ ହୋଇଯାଇଛି। ଏହା ବାଙ୍କି ମହାବିଦ୍ୟାଳୟଠାରେ ଆସନ୍ତା ୨୪ ତାରିଖ ଯାଏ ହେବ। ଗଞ୍ଜାମ ଜିଲାର ୯ ବାଳକ ଓ ୧୦ ବାଳିକା ଏଥିରେ ଯୋଗଦେଇଛନ୍ତି। ସଙ୍ଘର ସମ୍ପାଦକ ସଞ୍ଜୟ କୁମାର ବିଷୋୟୀ, ସଭାପତି, ବି. ଭାଗୀରଥି ରାଓ, ଉପସଭାପତି ଦୁଷ୍ମନ୍ତ ପାଢ଼ୀ, ବିନାୟକ ଶୁକ୍ଳ, ବିର୍ଲା ମାଝୀ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ ଗବେଷଣା ଦରକାର

ବ୍ରହ୍ମପୁର , ୨୨।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମଣ୍ଡଳ କାରାଗାରରେ ଶୁକ୍ରବାର ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୫ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ, ଖଣି ଏବଂ ଇସ୍ପାତ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ ଲକ୍ଷ୍ମଣ ନାୟକ ଜଣେ ଅସାଧାରଣ ଦେଶପ୍ରେମୀ ଓ ନିର୍ଭୀକ ସଂଗ୍ରାମୀ ବୋଲି କହିଥିଲେ। ସେ ଜାତି ଓ ଦେଶ ପାଇଁ ଗର୍ବ ଓ ଗୌରବ। ଲକ୍ଷ୍ମଣ ନାୟକ ଓଡ଼ିଶାର ଜଣେ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ଥିଲେ। ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ତେଣୁ ଶହୀଦ ଲକ୍ଷ୍ମଣଙ୍କ ସ୍ମୃତି ଓ ବିଚାରଧାରାରେ ଅନୁପ୍ରାଣିତ ହେବା ଆବଶ୍ୟକ। ସେ ମହାତ୍ମା ଗାନ୍ଧୀଙ୍କ ବିଚାରଧାରାରେ ସାମିଲ ହୋଇ ଦେଶ ପାଇଁ ନିଜ ଜୀବନକୁ ବାଜି ଲଗାଇଥିଲେ। ଏଣୁ ତାଙ୍କୁ ମାଲକାନଗିରିର ଗାନ୍ଧୀ ବୋଲି କୁହାଯାଉଛି। ସେ ଜଣେ ଅନ୍ୟତମ ଯୁଗାନ୍ତକାରୀ ବ୍ୟକ୍ତିତ୍ୱ ଭାବେ ପ୍ରେରଣାର ଉତ୍ସ। ଲକ୍ଷ୍ମଣ ନାୟକଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରି ତାଙ୍କ ଜୀବନୀ ଉପରେ ଗବେଷଣା ହେବା ଦରକାର ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅତିଥିମାନେ ପ୍ରଥମେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଓ ପରେ ଜେଲ ଫାଶୀଖୁଣ୍ଟରେ ମଧ୍ୟ ପୁଷ୍ପ ଅର୍ପଣ କରିଥିଲେ ।

ଅନ୍ୟାନ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ,ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ସର୍ବଣା ବିବେକ ଏମ. ବ୍ରହ୍ମପୁର ମଣ୍ଡଳକାରାଗାରର ବରିଷ୍ଠ ଅଧିକ୍ଷକ ଧୀରେନ୍ଦ୍ର ନାଥ ବାରିକ ଉପସ୍ଥିତ ଥିଲେ। ଆଇନଜୀବୀ ପୀତବାସ ପଣ୍ଡା, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ଭାଜପା ମିଡିଆ ପ୍ରଭାରୀ ସୁନୀଲ ସାହୁ, ଜିଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡଙ୍ଗୀ ବିଦ୍ୟାଳୟ ଛାତ୍ରୀଛାତ୍ର କାରାଗାର ବାହାରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟର୍ପଣ କରିଥିଲେ।


ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ମନ୍ତ୍ରୀ,ବିଧାୟକ ଓ ଅନ୍ୟମାନେ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗରେ ଜାତୀୟ ପାଠଚକ୍ର


ପାଠଚକ୍ରରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୨୨।୧୧(ସ୍ୱାଧୀନ ଶେଖର ପାଢ଼ୀ)

ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ପକ୍ଷରୁ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏହାକୁ ଉଦଘାଟନ କରିଥିଲେ। କୁଳପତିଙ୍କ ପ୍ରେରଣା ତଥା ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ପଦ୍ମିନୀ ସାହୁଙ୍କ ଆବାହନରେ ଆୟୋଜିତ ଏହି ପାଠଚକ୍ରରେ ଭିତ୍ତି ବକ୍ତବ୍ୟ ଉପସ୍ଥାପନ କରିଥିଲେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରକାଶ ଚନ୍ଦ୍ର ପ୍ରଧାନ ଏବଂ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଭି.ସି.ସୁଧୀର। ୧୯୭୦ ରୁ ୨୦୨୦ ମଧ୍ୟରେ ରଚିତ ଇଂରାଜୀ ଉପନ୍ୟାସର ବିବିଧ ଭାବଧାରା ସମ୍ପର୍କରେ କହିଥିଲେ। ପାଠଚକ୍ରର ମୁଖ୍ୟ ଅତିଥି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ରାମନାରାୟଣ ପଣ୍ଡା ଏବଂ ସମ୍ମାନନୀୟ ଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପିକା ଡ. ତନୁତୃଷ୍ଣା ପାଣିଗ୍ରାହୀ ଚର୍ଚ୍ଚିତ କାଳପରିସରରେ ଇଂରାଜୀ ଉପନ୍ୟାସରେ ପରିଲକ୍ଷିତ ବିବିଧତା ଉପରେ ଆଲୋଚନା କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଏବଂ ଛାତ୍ରୀଛାତ୍ର ଯୋଗଦେଇ ସ୍ୱରଚିତ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବିଭାଗୀୟ ମୁଖ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଚିନ୍ମୟୀ ସାହୁ ଧନ୍ୟବାଦ ଦେଇଥିଲେ। ନିମନ୍ତ୍ରିତ ଅତିଥି ମାନଙ୍କୁ ବୃକ୍ଷଚାରା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ପାଠଚକ୍ର ସମ୍ପର୍କିତ ଏକ ସଂକ୍ଷିପ୍ତ ସାର ପୁସ୍ତିକା ଅତିଥି ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭାଗୀୟ ଅଧ୍ୟାପିକା ଚିନ୍ମୟୀ ସାହୁ, ଇପସିତା ରୁଚି, ସୁହାସିନୀ ବିଶ୍ୱାଳ, ନୟନିକା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଐତିହ୍ୟ ମାନ୍ୟତା ମିଳିଲା, ସରକାରୀ ହେଲାନି

ବ୍ରହ୍ମପୁର,୨୨।୧୧(ସ୍ୱାଧୀନ ଶେଖର ପାଢ଼ୀ)

ଦକ୍ଷିଣ ଓଡ଼ିଶାର ସର୍ବ ପୁରାତନ ତଥା ଓଡ଼ିଶାର ଦ୍ୱିତୀୟ ପୁରାତନ ବିଦ୍ୟାଳୟ ବ୍ରହ୍ମପୁର ଖଲ୍ଲିକୋଟ କଲେଜିଏଟ ହାଇସ୍କୁଲ (କେ.ସି.ହାଇସ୍କୁଲ)କୁ ରାଜ୍ୟ ସରକାର ଐତିହ୍ୟ ସ୍କୁଲର ମାନ୍ୟତା ପ୍ରଦାନ କରିଛନ୍ତି। କିନ୍ତୁ ଏଯାଏଁ ସରକାରୀ ମାନ୍ୟତା ମିଳିନଥିବାରୁ ଓଡ଼ିଆ ଭାଷା ଆନ୍ଦୋଳନ ଅନୁଷ୍ଠାନ ପକ୍ଷରୁ ଉଦବେଗ ପ୍ରକାଶ କରାଯାଇଛି। ୧୮୫୬ରେ ଗୋସାଇଁନୂଆଗାଁଠାରେ ଉକ୍ତ ସ୍କୁଲ ସ୍ଥାପିତ ହୋଇଥିଲା। ଏହି ସ୍କୁଲରୁ ଅନେକ ବ୍ୟକ୍ତି ଶିକ୍ଷା ଗ୍ରହଣ କରି ଆଜି ଦେଶ ବିଦେଶରେ ଉକ୍ତ ସ୍କୁଲ ତଥା ଓଡ଼ିଶାକୁ ଗୌରାବାନ୍ୱିତ କରିଛନ୍ତି। ଏପରିକି ଶ୍ରୀବତ୍ସ ପଣ୍ଡା, ହରହର ପଣ୍ଡା, ନରସିଂହ ଦାସ, ଆନିପୁ ପର୍ଶୁରାମ ପାତ୍ର ତଥା ପୂର୍ବତନ ରାଷ୍ଟ୍ରପତି ଭି.ଭି.ଗିରି ଏହି ଅନୁଷ୍ଠାନର ଛାତ୍ର ଥିଲେ। ବର୍ତ୍ତମାନ ଏହି ସ୍କୁଲ ୧୬୮ ବର୍ଷରେ ପଦାର୍ପଣ କରିଛି। ୧୯୮୧-୮୨ରେ ଖୋଲାଯାଇଥିବା ଅନେକ ବିଦ୍ୟାଳୟ ସରକାରୀ ହୋଇଥିଲେ ବି କେ.ସି.ହାଇସ୍କୁଲ ଭଳି ସର୍ବ ପୁରାତନ ସ୍କୁଲ ଏଥିରୁ ବାଦ ପଡିଛି ବୋଲି ଓଡିଆ ଭାଷା ଆନ୍ଦୋଳନର ସଭାପତି ତ୍ରିନାଥ ମହାରଣା ଓ ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରକାଶ କରିଛନ୍ତି। ଏଥି ସହିତ କେ.ସି. ବାଳିକା ଉଚ୍ଚ ବିଦ୍ୟାଳୟ, କେ.ସି.ଟାଉନ ଉଚ୍ଚ ବିଦ୍ୟାଳୟ ବି ସରକାରୀ ମାନ୍ୟତା ପାଇନାହିଁ। କେବଳ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟ ରୂପେ ଏହା ପରିଚାଳିତ ହେଉଛି। ତେଣୁ ଉକ୍ତ ଶିକ୍ଷାନୁଷ୍ଠାନଗୁଡିକ ବିଭିନ୍ନ ସରକାରୀ ଅନୁଦାନରୁ ବଂଚିତ ହୋଇ ସ୍ୱଳ୍ପ ସଂଖ୍ୟକ ଶିକ୍ଷକଙ୍କ ଦ୍ୱାରା କାର୍ଯ୍ୟ କରୁଛି। ଦୁର୍ଭାଗ୍ୟର ବିଷୟ ବିଭିନ୍ନ ବିଦ୍ୟାଳୟ ଉନ୍ନୀତ ହୋଇ ସେଠାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲାଯାଇଥିଲେ ବି ପୂର୍ବରୁ କେ.ସି.ହାଇସ୍କୁଲରେ ଉଚ୍ଚ ମାଧ୍ୟମିକ ଶ୍ରେଣୀ ଅନେକ ବର୍ଷ ଧରି ଚାଲିଥିବା ସତ୍ତ୍ୱେ ଏହାକୁ ଅଣଦେଖା କରାଯାଉଛି। ସ୍କୁଲ ପରିସରରେ ଏକ ପ୍ରତିଷ୍ଠିତ ଇଂରାଜୀ ମାଧ୍ୟମ ଘରୋଇ ବିଦ୍ୟାଳୟ ଅନେକ ବର୍ଷ ହେଲା କାର୍ଯ୍ୟ କରୁଛି। ଏ ସଂକ୍ରାନ୍ତରେ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ୧୯୯୭ରୁ ଏହି ହାଇସ୍କୁଲକୁ ସରକାରୀ ଘୋଷଣା ପାଇଁ ଲୋକେ ଦାବି କରି ଆସୁଛନ୍ତି। ଐତିହ୍ୟ ବିଦ୍ୟାଳୟ ଘୋଷଣାକୁ ସ୍ୱାଗତ କରିଥିବାବେଳେ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦେଇ ଆସୁଥିବା ସରକାର ଉପରୋକ୍ତ ୩ ହାଇସ୍କୁଲକୁ ସରକାରୀ ଘୋଷଣା କରିବାକୁ ସେମାନେ ନିବେଦନ କରିଥିବା ଭାଷା ଆନ୍ଦୋଳନ ଅନୁଷ୍ଠାନ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ କୁହାଯାଇଛି।

## ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ

ସୋରଡ଼ା,୨୨।୧୧(ରଜନୀ ମହାପାତ୍ର)

ସୋରଡ଼ା ବ୍ଲକ ବାଦୁଆ ଆଦିବାସୀ ଗ୍ରାମରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଚାଷୀ ମୂଲିଆ ସଂଘ, ସୋରଡ଼ା ବ୍ଲକ କମିଟି ସାଥୀ ମହୋନ ମଳିକଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ରାଜ୍ୟ କମିଟି ସଦସ୍ୟ ସାଥୀ ନିରାକାର ନାୟକ ଯୋଗଦେଇ କହିଲେ, ଭାରତରେ ଭଗତ ସିଂ, ସୁଖଦେବ, ରାଜଗୁରୁ, ଚନ୍ଦ୍ରଶେଖର ଆଜାଦ, ବଟୁକେଶ୍ୱର ଦତ୍ତ ଭଳି ହଜାର ହଜାର ଯୁବକମାନେ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରୁଥିବା ବେଳେ ଓଡ଼ିଶାରେ ମଧ୍ୟ ତାର ପ୍ରଭାବ ଦେଖିବାକୁ ମିଳିଥିଲା। କୋରାପୁଟ ଜିଲାର ଆଦିବାସୀ ଯୁବକ ବୀର ଲକ୍ଷ୍ମଣ ନାୟକ ଅହିଂସା ରାସ୍ତାରେ ଲଢେଇ କରିଥିଲେ। ହଜାର ହଜାର ଆଦିବାସୀ ମାଥିଲି ଥାନା ଘେରାଉ କରିଥିଲେ। ବ୍ରିଟିଶକୁ ଟିକସ ଦେବାନାହିଁ, ବେଠି ବେଗାରୀ କରିବା ନାହିଁ, ଜଳ ଜମିର ସୁରକ୍ଷା କରିବା ଆଦି ଦାବି ନେଇ ଆନ୍ଦୋଳନ ଚାଲିଥିଲା ବୋଲି ସେ କହିଥିଲେ।

# ଯୁବ-ଛାତ୍ର ବିଜେଡିର ଜୋନସ୍ତରୀୟ କର୍ମଶାଳା

## ଦେଢ଼ କୋଟି ସଭ୍ୟ ସଂଗ୍ରହ କରିବ ବିଜେଡି: ଅତନୁ

ବ୍ରହ୍ମପୁର,୨୨।୧୧(ନରସିଂହ ସାହୁ)

ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲାକୁ ନେଇ ଗଠିତ ବ୍ରହ୍ମପୁର ଜୋନସ୍ତରୀୟ ବିଜୁ ଯୁବ ଓ ଛାତ୍ର ଜନତା ଦଳର ସଭ୍ୟ ସଂଗ୍ରହ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଡିସେମ୍ବର ସୁଦ୍ଧା ବିଜେଡି ଦେଢ଼କୋଟି ନୂଆ ସଦସ୍ୟ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସଦସ୍ୟ ସଂଗ୍ରହ ଅଭିଯାନର ଦାୟିତ୍ୱରେ ଥିବା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ତାଙ୍କ ଅଭିଭାଷଣରେ ସୂଚନା ଦେଇଛନ୍ତି। ଡିଜିଟାଲ ମାଧ୍ୟମରେ ମୁଖ୍ୟତଃ ଯୁବତୀ ଓ ଯୁବକ ଏବଂ ଛାତ୍ରମାନଙ୍କୁ ସଦସ୍ୟ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ସ୍ଥାନୀୟ ଗଞ୍ଜାମ କଳା ପରିଷଦ ସମ୍ମିଳନୀ କକ୍ଷରେ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ ଏମପି ଚନ୍ଦ୍ରଶେଖର ସାହୁ, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ସମେତ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଭୃଗୁ ବକ୍ସିପାତ୍ର, ବିଧାୟକ ରୂପେଶ ପାଣିଗ୍ରାହୀ, ଚକ୍ରପାଣି କହଁର, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ସୁବାସ ଚନ୍ଦ୍ର ବେହେରା, ଲତିକା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା ଓ ଅନ୍ୟମାନେ ମଞ୍ଚାସୀନ ଥିଲେ। ୪ ଜିଲାରୁ ବହୁ ସଂଖ୍ୟକ ଯୁବ ଓ ଛାତ୍ର ନେତା ଏବଂ କର୍ମୀମାନେ କର୍ମଶାଳାରେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲା ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ନେତାମାନେ କେନ୍ଦ୍ର ଓ ରାଜ୍ୟ ଭାଜପା ସରକାର ଉପରେ ବର୍ଷିଥିଲେ। ଓଡ଼ିଶାର ସ୍ୱାର୍ଥରକ୍ଷା ଲାଗି ବିଜେଡି ଆରମ୍ଭରୁ ଲଢ଼େଇ କରୁଛି ଏବଂ ଆଗାମୀ ଦିନରେ ମଧ୍ୟ ଏହା ଜାରୀ ରହିବାର ଚନ୍ଦ୍ରଶେଖର ଓ ଅତନୁ ଘୋଷଣା କରିଥିଲେ। ଯୁବ ବିଜେଡି ବ୍ରହ୍ମପୁର ସଭାପତି ଅଜିତ ପଣ୍ଡା ଧନ୍ୟବାଦ ଦେଇଥିଲେ। ଜୋନ ସଭାପତି ଜ୍ୟୋତି ରଂଜନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



କର୍ମଶାଳାରେ ଉପସ୍ଥିତ ବିଜେଡି ନେତା।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ବିକ୍ଷୋଭ

ବ୍ରହ୍ମପୁର,୨୨।୧୧(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ଫାମିଲି ପେନସନ ବନ୍ଦର ପ୍ରତିବାଦ କରି ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ଯୁଗ୍ମ ସଚିବଙ୍କ ଚିଠି ନଂ. ୨୫୨୭୯(୧୫) ତା ୨-୬-୨୦୧୧ ଏବଂ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ତଥା ଉଚ୍ଚଶିକ୍ଷା ବିଭାଗର ଚିଠି ନଂ. ୩୬୨୨୯/ଏଚ ଇ ତା ୨୩-୮-୨୦୨୩ ରିଖ ଅନୁସାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନୂଆ ପେନସନ ସ୍କିମରେ ଅନ୍ତର୍ଭୁକ୍ତ କର୍ମଚାରୀ ମାନଙ୍କ ଫାମିଲି ପେନସନ ଲାଗୁହୋଇଥିଲା । ସେଥିପାଇଁ କର୍ମଚାରୀମାନେ ଫାମିଲି ପେନସନର ଅପସନ ଫର୍ମ ମଧ୍ୟ ଗତବର୍ଷ ପୂରଣ କରିଥିଲେ । କିନ୍ତୁ ଚଳିତ ମାସ ଅର୍ଥ ବିଭାଗ ଅକସ୍ମାତ ପତ୍ର ନଂ. ୩୧୭୧୬/ ଏଫଆଇଏନ- ଏଚଇ-୦୦୦୩/୨୦୨୪ ତା. ୧୮-୧୧-୨୦୨୪ ଅନୁସାରେ ବିଶ୍ୱବିଦ୍ୟାଳୟ କର୍ମଚାରୀମାନେ ଫାମିଲି ପେନସନ ପାଇଁ ଯୋଗ୍ୟ ନୁହନ୍ତି ବୋଲି ଜଣାଇଛନ୍ତି । ଓଡିଶା ସରକାରଙ୍କ ଅନ୍ୟ ସମସ୍ତ କାର୍ଯ୍ୟାଳୟର କର୍ମଚାରୀମାନେ ଏହାର ସୁଯୋଗ ପାଉଥିବା ବେଳେ ସରକାରଙ୍କ ଅର୍ଥ ବିଭାଗର ବିଶ୍ୱବିଦ୍ୟାଳୟ କର୍ମଚାରୀ ମାନଙ୍କ ପ୍ରତି ଏଭଳି ବୈମାତୃକ ମନୋଭାବର ପ୍ରତିବାଦ କରାଯାଇଛି। ପ୍ରଶାସନିକ ଭବନ ସମ୍ମୁଖରେ ସମସ୍ତେ ଏକାଠି ହୋଇ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଏହାର ଆଶୁ ସମାଧାନ କରିବା ପାଇଁ ସଂଘର କର୍ମକର୍ତ୍ତା ଦାବି କରିଛନ୍ତି । ଯଦି ଫାମିଲି ପେନସନ ନ ହୁଏ ତେବେ ପୁରୁଣା ପେନସନ ଲାଗୁ କରନ୍ତୁ ବୋଲି ଜଣାଇଛନ୍ତି । ରାଜ୍ୟ ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ଉପ ସଭାପତି ଏବଂ ବ୍ରହ୍ମପୁର କର୍ମଚାରୀ ସଙ୍ଘର ସଭାପତି ଡ. ମିହିର କୁମାର ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ପାତ୍ର, ଉପ ସଭାପତି ଇନ୍ଦ୍ର ପ୍ରସାଦ ବେହେରା, ସମ୍ପାଦକ ସଂଗ୍ରାମ ନାୟକ, ଉପେନ୍ଦ୍ର ପାଳ, ସତ୍ୟ ନାରାୟଣ ଶତପଥୀ, ଦେବୀ ବେହେରା, ପ୍ରଣତୀ ଦେ, ଦେବୀ ପ୍ରସାଦ ମିଶ୍ର, ରାକେଶ ସାହୁ, ଏନ. ଭୀମରାଜୁ ରେଡ୍ଡୀ, କେଶବ ମଲିକ, ପ୍ରସନ୍ନ କୁମାର ସିଂ, ରାଜେୟା ରେଡ୍ଡୀ, ନମିତା ସାମଲ, ରମେଶ ପଟ୍ଟନାୟକ, ଏମ. ତାରିଣୀୟା ରେଡ୍ଡୀ, ଉମା ଚରଣ ବିଷୋୟୀ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।



ବିଶ୍ୱବିଦ୍ୟାଳୟ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

